# ଜିଲ୍ଲା ଗୃହରକ୍ଷୀକାର୍ଯ୍ୟାଳୟମୟୁରଭଞ୍ଜ ,,ବାରିପଦା

ନୋଟିସ ନଂ.105/ଗୃହରକ୍ଷୀ ତା 03/03/2025

ଶ୍ରୀମାନ ମହାସମାଦେଷ୍ଟା ଗୃହରକ୍ଷୀ ବାହିନୀ,ଓଡିଶା, କଟକ ଙ୍କ ଚିଠି ସଂଖ୍ୟା ୨୩୩ /ଗୃହରକ୍ଷୀ ତା ୦୫/୦୨/୨୦୨୫ ରିଖ ଅନୁଯାୟୀ ମୟୁରଭଞ୍ଜ ଜିଲ୍ଲା ରେ ନିମ୍ନଲିଖିତ ଗୃହରକ୍ଷୀ ପଦବୀ ଚୟନ ନିମନ୍ତେ ଉପଯୁକ୍ତ ପ୍ରାର୍ଥୀ/ପ୍ରାର୍ଥୀନୀ ମାନଙ୍କ ଠାରୁ ନିର୍ଦ୍ଧାରିତ ଫର୍ମ ରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉକ୍ତ ଗୃହରକ୍ଷୀ ଚୟନ ପରୀକ୍ଷା Odisha Home Guards Act-1961, Odisha Home Guards Rules-1962 and Circular Order No.01/2025 ଅନୁଯାୟୀ କାର୍ଯ୍ୟକାରୀ କରାଯିବ ।

| Sl No | ବର୍ଗ (Category) | ଖାଲିଥିବା ଗୃହରକ୍ଷୀ ପଦବୀ ସଂଖ୍ୟା (Vacancy) | ଯୋଗ୍ୟତା (Eligibility) | ବୟସସୀମା (Age) | ଶିକ୍ଷାଗତଯୋଗ୍ୟତା (Educational Qualification) |
|---|---|---|---|---|---|
| ୧. | ଗୃହରକ୍ଷୀ ସାଧାରଣ | ୧୭୫ | ୧.ଆବେଦନକାରୀ ମୟୁରଭଞ୍ଜ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ। ୨.ଆବେଦନକାରୀ ଓଡ଼ିଆ ଭାଷାରେ କହିବା, ପଢିବା ଓ ଲେଖିବା ଜାଣିଥିବା ଆବଶ୍ୟକ । ୩.ଆବେଦନକାରୀ କୌଣସି ଫୌଜଦାରୀ ମକଦ୍ଦମା ରେ ସମ୍ପୃକ୍ତ ନଥିବେ । ୪. ଆବେଦନକାରୀ ସୁସ୍ଥ ସବଳ ହୋଇଥିବେ । ଶାରୀରିକ ବିକଳାଙ୍ଗ ହୋଇନଥିବେ । | ଆବେଦନକାରୀଙ୍କ ବୟସ ତା: ୦୧/୦୧/୨୦୨୫ରିଖ ସୁଦ୍ଧା ୨୦ବର୍ଷରୁ କମ ଏବଂ ୬୦ ବର୍ଷରୁଅଧିକ ହୋଇନଥିବା ଆବଶ୍ୟକ। | ଆବେଦନକାରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏଲ.ପି ଷ୍ଟାଣ୍ଡାର୍ଡ (Class-V)ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଆବଶ୍ୟକ । |

- ଆବେଦନକାରୀ ନିର୍ଦ୍ଧାରିତ ଫର୍ମ (Form-A) ପୂରଣ କରି ସିଧାସଳଖ ଭାବେ ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ମୟୁରଭଞ୍ଜ ଠାରେ **ତା:୦୫/୦୩/୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ଠାରୁ ତା: ୨୫/୦୩/୨୦୨୫ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା** ଦାଖଲ କରିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ କୁ ବିଚାର କୁ ନିଆଯିବ ନାହିଁ ।
- ଆବେଦନ ଫର୍ମ ଗୁଡିକ ଏହି ଜିଲ୍ଲା ର ସମସ୍ତ ଥାନା, ଫାଣ୍ଡି ଓ ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ ।
- ଆବେଦନକାରୀ ନିର୍ଦ୍ଧାରିତ ଫର୍ମ ସହିତ ନିଜ ଦସ୍ତଖତ ସମ୍ବଳିତ ଆଧାର କାର୍ଡ,ଆବାସିକ , ବୟସ ଓ ଶିକ୍ଷାଗତ ଯୋଗ୍ୟତା , ବୈଷୟିକ ଦକ୍ଷତା ପ୍ରମାଣପତ୍ର ଗୁଡିକର ନକଲ ଓ ୪ ଗୋଟି ପାସପୋର୍ଟ ଆକାରର ନିଜ ଫଟୋ ସଂଲଗ୍ନ କରିବେ ।
- ଆବେଦନକାରୀ Driving/ Computer/Electrician/ Laundry/Cook/Barber/Carpenter/Tailer ରେ ଅଭିଜ୍ଞତା ରହିଥିଲେ ଉକ୍ତ ଚୟନ ପରୀକ୍ଷା ରେ ଅଗ୍ରାଧିକାର ଦିଆଯିବ ।
- ଯେଉଁ ଆବେଦନକାରୀ ଉକ୍ତ ଗୃହରକ୍ଷୀ ପଦବୀ ନିମନ୍ତେ ନିଜର ଆବଶ୍ୟକ ଯୋଗ୍ୟତା ପ୍ରମାଣ କରିବାରେ ବିଫଳ ହେବେ, ସେମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ । ଏତଦ ବ୍ୟତୀତ ଚୟନ ପରୀକ୍ଷା ରେ କୌଣସି ପ୍ରକାରରେ Selection Board ଯଦି ଅନୁଭବ କରନ୍ତି,କୌଣସି ପ୍ରାର୍ଥୀଙ୍କର ଗୃହରକ୍ଷୀ ପଦବୀ ଆବଶ୍ୟକ ଯୋଗ୍ୟତା ନାହିଁ , ତେବେ ସେହି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ରଦ୍ଦ କରାଯିବ ।
- ଯଦି ଆବେଦନକାରୀଙ୍କ ସଂଖ୍ୟା ଉପଲବ୍ଧ ଖାଲି ପଦବୀଠାରୁ ଅଧିକ ହୁଏ, ତେବେ ଆବେଦନକାରୀଙ୍କୁ କିଛି ଶାରୀରିକ ପରୀକ୍ଷା/ଚୟନ ପରୀକ୍ଷା/ ସାକ୍ଷାତକାର ର ସମ୍ମୁଖିନ ହେବାକୁ ପଡିବ ।
- ପ୍ରାର୍ଥୀ ଚୟନ କେବେ ଅନୁଷ୍ଠିତ ହେବ ତାହା ପରବର୍ତ୍ତୀ ସମୟରେ ଆପଣଙ୍କୁ ଥାନା ମାଧ୍ୟମରେ ଜଣାଇ ଦିଆଯିବ ।
- ସହାୟତା ନିମନ୍ତେ ଯୋଗାଯୋଗ ନଂ-୯୪୩୭୦୩୬୦୧୩ ,୮୪୮୦୭୬୬୯୮୮ ,୮୮୪୭୮୮୭୨୬୭ ,

3/3/25

ସମାଦେଷ୍ଟା ଗୃହରକ୍ଷୀ ବାହିନୀ,
ମୟୁରଭଞ୍ଜ